THE

APHY OF MOURBHANJ.

(ITH A SHORT HISTORICAL NOTE)

BY

SURENDRA NATH SEN.

ମୟୂରଭଞ୍ଜ ଭୂଗୋଳ ।

(ସଂକ୍ଷିପ୍ତ ଐତିହାସିକ ବିବରଣୀ ସମ୍ବଳିତ)

ଶ୍ରୀ ସୁରେନ୍ଦ୍ର ନାଥ ସେନ ପ୍ରଣୀତ

ଓ

ପ୍ରକାଶିତ ।

BARIPADA:

PRINTED AT THE STATE PRESS, MOURBHANJ,

1900.

Price 2 annas only. ମୂଲ୍ୟ ଦୁଇ ଅଣା ମାତ୍ର ।

DEDICATED

HIS HIGHNESS

THE T[redacted]

POORNA CHANDRA BHANJ DEO

WITH

THE AUTHER'S BEST REGARDS.

ଭୂମିକା ।

ଓଡ଼ିଶା ଗଡ଼ଜାତ ସମୂହ ମଧ୍ୟରେ ମୟୂରଭଞ୍ଜ ସବୁଠାରୁ ବୃହତ୍ । ଶିକ୍ଷା ବିସ୍ତାର ପାଇଁ ଅନେକ ଗୁଡ଼ି ପ୍ରାଥମିକ ବିଦ୍ୟାଳୟ ଏହି ରାଜ୍ୟରେ ସ୍ଥାପିତ ହୋଇ ଅଛି । ଏହି ବିଶାଳ ରାଜ୍ୟର ଶିକ୍ଷାର୍ଥୀ ବାଳକମାନଙ୍କର ରାଜ୍ୟ ସମ୍ବନ୍ଧୀୟ ଭୌଗଳିକ ଏବଂ ଐତିହାସିକ ଇତିବୃତ୍ତ ଜାଣିବା ଉଚିତ ; ଏହି ପୁସ୍ତକ ପ୍ରଣୟନର ଏହାହିଁ ଉଦ୍ଦେଶ୍ୟ ।

ମୟୂରଭଞ୍ଜ ସ୍କୁଲ ସମୂହର ସବ୍-ଇନିସ୍ପେକ୍ଟର ବାବୁ ନରେନ୍ଦ୍ର ମୋହନ ଆଦିତ୍ୟଙ୍କ ପ୍ରବର୍ତ୍ତନାରୁ ଏହି ପୁସ୍ତକ ପ୍ରଣୟନ କରିବାକୁ ଇଚ୍ଛୁକ ହୋଇ ଥିଲି, ଏବଂ ବର୍ତ୍ତମାନ୍ୟାଧିପ ଶ୍ରୀମନ୍ ଟୀକାୟେତ ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓ ସାହେବଙ୍କ ଶୁଭ ଜନ୍ମ ଉପଲକ୍ଷରେ ପୁସ୍ତକାକାରରେ ଲିପିବଦ୍ଧ କରିବାକୁ ପ୍ରବୃତ୍ତ ହେଲି । ପୁସ୍ତକ ପ୍ରଣୟନ ସମ୍ବନ୍ଧରେ ପ୍ରଶଂସିତ ସବ୍-ଇନସ୍ପେକ୍ଟରଙ୍କୁ ମୁଁ ଆନ୍ତରିକ ଧନ୍ୟବାଦ ଦେଉଅଛି ।

ବିଦ୍ୟୋତ୍ସାହୀ ଶ୍ରୀମନ୍ ମହାରାଜ ଏହି ପୁସ୍ତକ ପ୍ରକାଶ ସମ୍ବନ୍ଧରେ ସମସ୍ତ ବ୍ୟୟଭାର ଗ୍ରହଣ କରି ବିଶେଷ କୃତଜ୍ଞ କରି ଅଛନ୍ତି । ଏହାଙ୍କ ଅନୁମତ୍ୟନୁସାରେ ଏହି ପୁସ୍ତକ ପ୍ରକାଶିତ ହେଲା ।

ମୟୂରଭଞ୍ଜ ।
୧୮ । ୪ । ୧୯୦୦ ।

ଶ୍ରୀ ସୁରେନ୍ଦ୍ର ନାଥ ସେନ ।

OPINION.

This is a well-written book presenting as it does in a handy form all the principal items of History and Geography relative to the big and leading State of Mourbhanj in the Orissa Garjats. I should like to see it introduced into all the Primary Institutions and the lower forms of Middle Schools in the State. This will be one of the best prize-books for distribution in the L. P. Reward Examination and it is to be hoped that the State Educational authorities would adopt it for the purpose when published.

KALIGALI, CUTTACK. The 11th. October, 1899.	(Sd.) RADHA NATH RAI, *Inspector of Schools Orissa Circle, & Secy. Orissa Text-Book Committee.*

ମୟୂରଭଞ୍ଜ ଭୂଗୋଳ ।

ସଂଜ୍ଞା ।

ପର୍ବତ— ଅତ୍ୟୁଚ୍ଚ ପ୍ରସ୍ତରମୟ ସ୍ଥାନକୁ ପର୍ବତ ବୋଲା ଯାଏ । କ୍ଷୁଦ୍ର ପର୍ବତକୁ ପାହାଡ଼ କହନ୍ତି ।

ଅରଣ୍ୟ— ବୃକ୍ଷ ଲତାଦି ପରିପୂର୍ଣ୍ଣ ସ୍ଥାନକୁ ଅରଣ୍ୟ ବୋଲା ଯାଏ ।

ଘାଟ— ପର୍ବତ ବା ପାହାଡ଼ ମଧ୍ୟସ୍ଥ ସଙ୍କୀର୍ଣ୍ଣ ପଥକୁ ଘାଟ କହନ୍ତି ।

ନଦୀ— ଯେ ପ୍ରଧାନ ଜଳସ୍ରୋତ କୌଣସି ପର୍ବତ ବା ଅରଣ୍ୟରୁ ବାହାରି ନାନା ଜନପଦ ମଧ୍ୟ ଦେଇ ପ୍ରବାହିତ ହୋଇ କୌଣସି ସାଗର ବା ସାଗରାଂଶରେ ପତିତ ହୁଏ ତାହାକୁ ନଦୀ ବୋଲା ଯାଏ ।

ଉପନଦୀ— ଗୋଟିଏ କ୍ଷୁଦ୍ର ନଦୀ ଆଉ ଗୋଟିଏ ବଡ଼ ନଦୀ ସହିତ ମିଳିତ ହେଲେ ତାହାକୁ ସେହି ନଦୀର ଉପନଦୀ କହନ୍ତି ।

ଜଳପ୍ରପାତ— ପର୍ବତ ଶୃଙ୍ଗରୁ ବହୁ ନିମ୍ନରେ ଜଳରାଶିର ପତନକୁ ଜଳପ୍ରପାତ କହନ୍ତି ।

——;o;——

ଉତ୍କଳ ପ୍ରଦେଶ ଭାରତବର୍ଷର ଗୋଟିଏ ଅଂଶ ଅଟେ । ଏହି ପ୍ରଦେଶ ପ୍ରଧାନ ଦୁଇଭାଗରେ ବିଭକ୍ତ; ଯଥା, ଗଡ଼ଜାତ ଓ ମୋଗଲବନ୍ଦି ଗଡ଼ଜାତ ମାହାଲରେ ବର୍ତ୍ତମାନ ଗୋ ୧୭ ଟି ଜିଲାଅଛି; ତନ୍ମଧ୍ୟରୁ ମୟୂରଭଞ୍ଜ ସବୁଠାରୁ ବୃହତ୍ ।

ଚତୁଃସୀମା— ମୟୂରଭଞ୍ଜର ଉତ୍ତର ସୀମା ମେଦନୀପୁର ଓ ସିଂହ-ଭୂମଜିଲା; ପୂର୍ବ ସୀମା ମେଦନୀପୁର ଓ ବାଲେଶ୍ୱର ଜିଲା ; ଦକ୍ଷିଣ ସୀମା ନୀଳଗିରି ଓ କେନ୍ଦୁଝର ଜିଲା ; ଏବଂ ପଶ୍ଚିମ ସୀମା କେନ୍ଦୁଝର ଜିଲା ଓ ସିଂହଭୂମ ଜିଲା ।

ଆୟତନ ଓ ଲୋକ ସଂଖ୍ୟା— ଏହି ଜିଲାର ଦୈର୍ଘ୍ୟ ପ୍ରାୟ ୭୮ ମାଇଲ ଓ ପ୍ରସ୍ଥ ପ୍ରାୟ ୭୨ ମାଇଲ ଏବଂ ପରିମାଣ ଫଳ ୪୨୪୩ ବର୍ଗମାଇଲ ; ଲୋକସଂଖ୍ୟା ୫,୩୦,୯୬୭ । ମୟୂରଭଞ୍ଜର ପ୍ରାୟ ଅର୍ଦ୍ଧେକାଂଶ ବନ ଓ ପର୍ବତ ମାଳାରେ ସମାକୀର୍ଣ୍ଣ, ଏଣୁକରି ଏହାର ଆୟତନ ତୁଳନାରେ ଲୋକସଂଖ୍ୟା ଈଦୃଶ ବିରଳ ।

ପ୍ରାକୃତିକ ବିଭାଗ— ଏହି ଜିଲାର ମଧ୍ୟଭାଗରେ ବହୁ ବିସ୍ତୀର୍ଣ୍ଣ ଏକ ପାର୍ବତୀୟ ପ୍ରଦେଶ ଥିବାରୁ ଏହା ପ୍ରକୃତି ଦ୍ୱାରା ପ୍ରଧାନ ଚାରିଅଂଶରେ ବିଭକ୍ତ ; ଯଥା— ଉତ୍ତରରେ ବ୍ରାହ୍ମଣଘାଟି ପୂର୍ବରେ ନିଜ-ମୟୂର-ଭଞ୍ଜର ଅରଣ୍ୟ ଓ ଶସ୍ୟଶାଳୀ ପ୍ରଦେଶ, ପଶ୍ଚିମରେ ପାଞ୍ଚପିଢ଼ ଓ ମଧ୍ୟରେ ସିମ୍ଲିପାଳ ।

ରାଜକୀୟ ବିଭାଗ— ରାଜ କାର୍ଯ୍ୟର ସୁବିଧା ନିମନ୍ତେ ଏହି ଜିଲା ପ୍ରଧାନତଃ ତିନୋଟି ମହକୁମାରେ ବିଭକ୍ତ ; ଯଥା— ନିଜ-ମୟୂରଭଞ୍ଜ, ବ୍ରାହ୍ମଣଘାଟି ଏବଂ ପାଞ୍ଚପିଢ଼ । ନିଜ-ମୟୂରଭଞ୍ଜ ଗୋ ୩୧ ଟି ପରଗଣାରେ, ବ୍ରାହ୍ମଣଘାଟି ଗୋ ୧୮ ଟି ପିଢ଼ରେ ଏବଂ ପାଞ୍ଚପିଢ଼ ଗୋ ୮ ଟି ପିଢ଼ରେ ବିଭକ୍ତ । ଏହି ବିଭାଗମାନ ଓ ତନ୍ମଧ୍ୟସ୍ଥିତ ପ୍ରଧାନ ପ୍ରଧାନ ଗ୍ରାମମାନଙ୍କର ନାମ ନିମ୍ନରେ ପ୍ରକଟିତ ହେଲା ।

ଜିଲ୍ଲା ମୟୂରଭଞ୍ଜ ।

ସଂଖ୍ୟା ।	ପରଗଣା ।	ପ୍ରଧାନ ୨ ଗ୍ରାମ ।
୧ ।	ଉପରଭାଗ	ଶୀର୍ଷା*, ପାଣ୍ଡୁରା *, ସିମଳା *, କୁସୁମବନ୍ଧ, ବଣକାଟି, ବାଙ୍ଗିରିପୋଷି *, ସାରସକଣା, ରଜାନୁକା ଓ ଯଁକା ।
୨ ।	ଦେଉଳୀ	ଦେଉଳୀ ।
୩ ।	ବାଘଡ଼ା	ଚହଡ଼ା *, ଅଣ୍ଡ୍ରିଆ, ସିଙ୍ଗଡ଼ା ଓ କୁହୁ ।
୪ ।	ରସୁଣୀଆ	କୋଷ୍ଠା, ଢେଙ୍କିଆ ଓ ଧର୍ମପୁର ।
୫ ।	ମୁରୁଡ଼ା	ପଲାଶମୁଣ୍ଡଳୀ, ଖରୁଣ୍ଡିଆ, ବାଚୁଡପାଳ ଓ ରାମଗୋବିନ୍ଦପୁର ।
୬ ।	ବାରପଲ୍ଲୀ	ଜଲଗଜା ।
୭ ।	ନାରାଙ୍ଗାବାଜ···	ଦାମୋଦରପୁର, ଖୁଣ୍ଟା ଓ ନାରାଙ୍ଗାବାଜ ।
୮ ।	ଅମର୍ଦା	ଅମର୍ଦା, ବନମୁଣ୍ଡି ଓ କୁଖିଆ ।
୯ ।	ଓଲମରା	ଓଲମରା, ମାଙ୍କଡିଆ ଓ କୁଅଁରପୁର ।
୧୦ ।	ଅସନଖାଲି	ଅସନଖାଲି, ଦାଠସାହି ଓ ବଡ଼ାମପୁର ।
୧୧ ।	ସରଢଦା	ସରଢଦା, ରାଇକମା ଓ ଦୁର୍ଗାପୁର ।
୧୨ ।	କଦଳିଆ	କଦଳିଆ ଓ ବଇସିଙ୍ଗା ।
୧୩ ।	ବଣଦ୍ୱାର	ବଣଦ୍ୱାର, ଲଙ୍ଗଳକଟା * ଓ ଦାନ୍ତିଆମୁହାଁ ।
୧୪ ।	ଗଡଗାଁ	ଗଡଗାଁ ଓ ଚକୁଲିଆ ।
୧୫ ।	ସଠିଲୋ	ସଠିଲୋ, ବେଇନଟି, ଅମ୍ବଜୋଡ଼ା ଓ ଦହିକୁଠି ।
୧୬ ।	ରାହାଣ୍ଡା	ଜଶୋଗିପୁର ଓ ଡାଙ୍ଗରିପୁରା ।
୧୭ ।	ଗଡ଼ଦେଉଳିଆ···	ଗଡ଼ଦେଉଳିଆ, କାନ୍ଥି ଓ କଲମା ।
୧୮ ।	ମାଣଢ୍ରୀ	ମାଣଢ୍ରୀ *, ଶାଳଗାଁ ଓ ମାଜଗୋବଦପୁର ।

* ଏହି ଚିହ୍ନିତ ଗ୍ରାମମାନଙ୍କ ଶଳାରେ ବଜାର ତାହା ପରେ ଲେଖା ହୋଇ ଅଛି ।

ସଂଖ୍ୟା ।	ପରଗଣା ।	ପ୍ରଧାନ ଗ୍ରାମ ।
୧୯ ।	ବୁରାଡ଼ିଅ	ଚନ୍ଦନପୁର, ଶଙ୍କୁଳୁ ଓ ବଦଲିଗାଁ ।
୨୦ ।	ଅସୁଅଦେଉଳିଆ ···	ପଟ୍ଟସାହି, ଭେନ୍ଦୁଲିମୁଣ୍ଡା ଓ ଦେଉଳିଆ ।
୨୧ ।	ବେଲାକୁଣ୍ଠୀ	ବେଲାକୁଣ୍ଠୀ ଓ ପଶୁଦା ।
୨୨ ।	ଅରପଟାଚଲମା ..	ଚଲମା, କୁଆମରା, ଅରପଟା ଓ ପୁରୁଣା-ବାରପଦା ।
୨୩ ।	ସାଁଇକୁଲା	ସାଁଇକୁଲା ଓ ଭାନୁପୁର ।
୨୪ ।	କାଁଇସାହି	ଜୟପୁର, ରାଘୋ ଓ ଜୟଦା ।
୨୫ ।	କପ୍ତିପଦା	କପ୍ତିପଦା, ଗ୍ଲୋରାଣି* ଓ ଘାଲଡ଼ିହା* ।
୨୬ ।	ପୁଡ଼ାଡ଼ିହା	ବୋଲ୍‌ଓଲମ ଓ ଜପୃନ୍ତପଟ୍ଟା ।
୨୭ ।	ସିମଳୀପାଳ	ସିମଳୀପାଳ ।
୨୮ ।	ମଣ୍ଡାଲଭାଗ	ବାରପଦା *, କୋଲିଅଣା, ଅସ୍ତିଅ, ନୂଥୂନା ଓ ବାଲଡ଼ିହା ।
୨୯ ।	ଖୁଣ୍ଟାକରଞ୍ଜଚଅ ···	ଖୁଣ୍ଟା *, କରଞ୍ଜଚଅ ଓ ବୀମଗଡ଼ିଅ ।
୩୦ ।	ବାରପଡ଼ା	ହରିପୁର*, ପ୍ରତାପପୁର, ବଡ଼ସାହି, ନୂଆଗାଁ ଓ ଅଣୂଆଁ ।
୩୧ ।	ଡୁକୁରା	ଡୁକୁରା ।

ବ୍ରାହ୍ମଣପାଟ ।

ସଂଖ୍ୟା ।	ପିଢ଼ା ।	ପ୍ରଧାନ ଗ୍ରାମ ।
୧ ।	ଭଗଙ୍ଗ	ଭଗଙ୍ଗଡିହ ।
୨ ।	ଡାଲିମା	ଡାଲିମା ଓ ବାଲିଅବାଡ଼ି ।
୩ ।	ଶାରଦା	ଶାରଦା ଓ ଲୋହାଶିଳା ।

ସଂଖ୍ୟା ।	ପିଢ଼ ।	ପ୍ରଧାନ ୨ ଗ୍ରାମ ।
୪ ।	ନାଉପଡ଼ା	ନାଉପଡ଼ା ।
୫ ।	ଫଳସା	ଫଳସା, ଛାଉଣୀ ଓ ବନ୍ଧୁଆ ।
୬ ।	ବାଙ୍କି	ଛାମଲବନ୍ଧ ।
୭ ।	ବଂଘୋଇ	ବଂଘୋଇ ଓ କଣ୍ଟାପ ।
୮ ।	ବାଘିଲା	କାଠବାରଆ ଓ ଝିପାବନ୍ଧ ।
୯ ।	ଜୁପରବେଢ଼ା ...	ଜୁପରବେଢ଼ା, ମହୁଗାଁ ଓ ଚୈତନ୍ୟପୋଷ * ।
୧୦ ।	ଯାମଦା	ଯାମଦା ।
୧୧ ।	ଦୁନ୍ଦୁ	ଦୁନ୍ଦୁ * ।
୧୨ ।	ମଧୁଆ	ମଧୁଆ ।
୧୩ ।	କରେଇ	କରେଇ ଓ ପଣ୍ଡୁପାଣି ।
୧୪ ।	ଖାସଦେଶ	ଜପୁପୁର * ।
୧୫ ।	ଗଡ଼ଛଳ	ରାଇରଙ୍ଗପୁର * ।
୧୬ ।	ଖଣ୍ଟ	ଖଁଣ୍ଟ ଓ ଟୁକରପଡ଼ା ।
୧୭ ।	କୁଲଗି	ବଦ୍ଦଲଦା * ଓ ବାପୁଙ୍ଗି ।
୧୮ ।	ଖଣ୍ଡିଦା	ନରଙ୍କଜ ।

ପାଞ୍ଚପୀଢ଼ ।

ସଂଖ୍ୟା ।	ପିଢ଼ ।	ପ୍ରଧାନ ୨ ଗ୍ରାମ ।
୧ ।	ଧଳପଣି	ଧନ୍ୟନ୍ଦୀ ।
୨ ।	ଛସିପୁର	ଛସିପୁର * ଓ ପଦ୍ମପୁର ।
୩ ।	ଉଛନପୁର	ଉଛନପୁର ।
୪ ।	ଠାକୁରମୁଣ୍ଡା ...	ଠାକୁରମୁଣ୍ଡା ।

ସଂଖ୍ୟା ।	ପିଢ଼ ।	ପ୍ରଧାନ ୨ ଗ୍ରାମ ।
୫ ।	ବୈଦ୍ୟନାଥ...	ବୈଦ୍ୟନାଥ ।
୬ ।	ଆଦପୁର	ଆଦପୁର *, ରରୁଆ ଓ ଖିଚଙ୍ଗ *।
୭ ।	କରଞ୍ଜିଆ	କରଞ୍ଜିଆ * ।
୮ ।	ବାଉପଡ଼ା	ବାଉପଡ଼ା ।

—:o:—

ପର୍ବତ ।

ବାଘମାରୀ, ଧୂମା, ପଚଡ଼ା, ଭୁଇଲଗଡ଼, ଜେଣଆ ଓ କୁଦାଠାଙ୍ଗର ପାହାଡ଼ମାନ—ବ୍ରାହ୍ମଣଘାଟି ଓ ଧଲଭୂମ ସୀମାରେ ପଶ୍ଚିମରୁ ପୂର୍ବ-ଦକ୍ଷିଣକୁ ବିସ୍ତୃତ ହୋଇ ଅଛି । ବଦପାଟ, ବଦାମ ପାହାଡ଼ (୨୬୧୭ ଫିଟ) , ସୁଲାପାଟ , ବଳପାଟ , ଧୂସରା , ଚେକିଆ ଓ ଠାଙ୍ଗାରୁ ପାହାଡମାନ—ବ୍ରାହ୍ମଣଘାଟିର ଦକ୍ଷିଣରେ ଶ୍ରେଣୀବଦ୍ଧ ହୋଇ ଅଛି । କଣାପାଟ—ଖନ୍ତ ଓ ବାଉପଡ଼ା ପିଢ଼ ଦ୍ୱୟର ସୀମାରେ ପୂର୍ବରୁ ପଶ୍ଚିମକୁ ବିସ୍ତୃତ । ବୁଡେଇରଣା—ବାସିଲା ଓ ଉପରବେଡା ପିଢ଼ ଦ୍ୱୟରେ ଅବସ୍ଥିତ । ଗୋମହଷାଣୀ—ବାଉପଡ଼ା ପିଢରେ ଉତ୍ତରରୁ ଦକ୍ଷିଣକୁ ବିସ୍ତୃତ ।ଅଜାଗୀ—ବାଙ୍କି ପିଢରେ ପୂର୍ବରୁ ପଶ୍ଚିମକୁ ଏବଂ ମେଜୁର ବେଡା—ଉତ୍ତରରୁ ଦକ୍ଷିଣକୁ ବିସ୍ତୃତ । ସୁଦାମ , ଚଢ଼ିଆ , ବୁଢ଼ାବୁଢ଼ୀ, ବାମୁଣୀ ଓ ଛତ୍ର—ବ୍ରାହ୍ମଣଘାଟିରମଧ୍ୟଭାଗରେ ଅବସ୍ଥିତ । ବହୁଭଣ୍ଡାର , ମାନଗଡ଼ , କେଉଁରା , ଠାକୁରାଣୀ ଓ ବାଇସିଙ୍ଗ ପାହାଡ଼ମାନ—ଉପରଭାଗ ପରଗଣାରେ; ବାଲଡିହା ଓ ଭୁଆସୁଣୀ—ମଝାଲଭାଗ ପରଗଣାରେ ; ପାଟମୁଣ୍ଡେଇ , ପୁଡ଼ାଡିହା ଓ ସମୀବୃକ୍ଷ—

ପୁଡ଼ାଭଡ଼ା ପରଗଣାରେ ଅବସ୍ଥିତ । ବଉଳପାଳ—କପ୍ତିପଦା ଓ ନୀଳଗିରି ସୀମା ମଧ୍ୟରେ ଅବସ୍ଥିତ । ମେଘାସନୀ (୩୮୨୪ ଫିଟ) ଭୁସୁମବଣୀ , ଅମ୍ବକୋଡ଼ା , କଣ୍ଡୁକନା , ସିମଳିଆଳ , ଗଣପତି ଓ ଦଲକୀ—ସିମଳୀପାଳ ପରଗଣାରେ ଅବସ୍ଥିତ । ବାଙ୍କଶିଳା , ବୈଦ୍ୟନାଥ ଓ ମୂରାସି ଖୁଣ୍ଟା କରଞ୍ଜିଆ ପରଗଣାରେ ଅବସ୍ଥିତ

ଗନ୍ଧଆ , ମୂର୍ଚ୍ଛା , ଗଣ୍ଡୁପାଟ , ଦଣ୍ଡରାଣୀ (୨୧୫୩ ଫିଟ) , ଖପରାଖୋଲ , ମାଝନାପାଟ ଓ ଭଞ୍ଜପୁର ପାହାଡ଼ମାନ—ପାଞ୍ଚପିଢ଼ରେ ଅବସ୍ଥିତ ।

——:୦:——

ଘାଟି ।

ବିହୁରଣ୍ଡାର , ମାନଗଡ଼ , ବୁଢ଼ାବୁଢ଼ୀ , ଟିଅକାଟି , ଝଙ୍କାଭଙ୍ଗା ଫୁଲଝରା ଓ ଅଡ଼ଲା ଘାଟିମାନ—ଉପରଭାଗ ଓ ବ୍ରାହ୍ମଣଘାଟି ମଧ୍ୟରେ ଅବସ୍ଥିତ । ଗାଲୁଝିଙ୍କ , ବୁଦାଠାଙ୍ଗର ଓ କେଡ଼ୁମ ଘାଟିମାନ—ବ୍ରାହ୍ମଣଘାଟି ଓ ଧଲଭୂମ ମଧ୍ୟରେ ଅବସ୍ଥିତ । ମାଲୁକାନନା , ରାମଘଡ଼ୀ ଓ କଖାରୁକଟା ଘାଟିମାନ—ବ୍ରାହ୍ମଣଘାଟି ଓ ପାଞ୍ଚପିଢ଼ ମଧ୍ୟରେ ଅବସ୍ଥିତ ।

——;୦;——

ନଦୀ ।

୧ । ସୁବର୍ଣ୍ଣରେଖା—ଛୋଟନାଗପୁର ଅନ୍ତର୍ଗତ ରାଞ୍ଚି ଜିଲାସ୍ଥ ପର୍ବତରୁ ବାହାରି ବଙ୍ଗୋପସାଗରରେ ପତିତ ହୋଇ ଅଛି । ଏହି ନଦୀ ମୟୂରଭଞ୍ଜର ଉତ୍ତରାଂଶରେ ଧଲଭୂମ ଓ ମୟୂର-

ଭଞ୍ଜର ସୀମା ନିର୍ଦ୍ଦେଶ କରି ପ୍ରାୟ ୪ ମାଇଲ ପଥ ଯାଇ ଅଛି ତତ୍ପରେ ଓଲମରା ନିକଟରେ ପ୍ରାୟ ୩ ମାଇଲ ପଥ ମୟୂ-ରଭଞ୍ଜ ସୀମାରେ ଧାବିତ ହୋଇ ଅଛି ; ପୁଣି ବାଲେଶ୍ୱର ଜିଲାସ୍ଥିତ ରାଜଘାଟରେ ଏହା ମୟୂରଭଞ୍ଜକୁ ସ୍ପର୍ଶ କରି ଯାଇଅଛି । ମୟୂରଭଞ୍ଜସ୍ଥିତ ଶୀର୍ଷା , ପାଣ୍ଡରା , ଓଲମରା , ମାଙ୍କଡ଼ଅ , କୁଁଅରପୁର ଓ ବନ୍ଦମୁଣ୍ଡି ଗ୍ରାମମାନ ଏହା କୂଳରେ ଅବସ୍ଥିତ । ମୟୂରଭଞ୍ଜ ପାର୍ଶ୍ୱରୁ ଖଡ଼କେଇ ଏହାର ପ୍ରଧାନ ଉପନଦୀ ଅଟେ ।

୨ । ବୁଢ଼ାବଳଙ୍ଗ — ସିମଳୀପାଳ ପର୍ବତଶ୍ରେଣୀରୁ ଉତ୍ପନ୍ନ ହୋଇ ମୟୂ-ରଭଞ୍ଜର ସିମଳୀପାଳ ଉପରଭାଗ , ମଝାଲଭାଗ , ବାଙ୍ଗପଡ଼ା ଓ ମାଣତ୍ରୀ ପରଗଣା ଏବଂ ଶେଷ ବାଲେଶ୍ୱର ଜିଲା ମଧ୍ୟ ଦେଇ ପ୍ରବାହିତ ହୋଇ ବଙ୍ଗୋପସାଗରରେ ପତିତ ହୋଇ ଅଛି । ମୟୂରଭଞ୍ଜସ୍ଥିତ ବସନ୍ତପୁର , ବଣକାଟି , ମନୋ-ହରପୁର , ଡାରାପାଲ , କଣ୍ଟାପାଳି , ଆମ୍ବଡହା , ବାଡ଼-ପଦା , ପାଇକବସା , ସାତପୌଟିଆ , ହରିପୁର , ପ୍ରତାପ-ପୁର , ଫିଣ୍ଟଥିଆ , କୁଳିଅଣା , ଗମ୍ଭାଇଆ , ସର୍ବେଶ୍ୱରପୁର ଓ ମାଜଗୋବିନ୍ଦପୁର ଗ୍ରାମମାନ ଏହି ନଦୀ କୂଳରେ ଅବସ୍ଥିତ । ଏହାର ଉପନଦୀ ମଧ୍ୟରେ କାଉରା , ଚପଟ୍ , ସରାଳ , ସୋନ୍ ଓ ଗଙ୍ଗାହାର ପ୍ରଧାନ ।

୩ । ବୈତରଣୀ—କେନ୍ଦୁଝର କିଲାସ୍ଥ ଗୋନାସିକା ପର୍ବତରୁ ବାହାର ପ୍ରାୟ ମା ୩୦ ଇଲ ପଥ କେନ୍ଦୁଝର ଓ ମୟୂରଭଞ୍ଜର ସୀମା ନିର୍ଦ୍ଦେଶ କରି କେନ୍ଦୁଝର ମଧ୍ୟଦେଇ ପ୍ରବାହିତ ହୋଇ ଅଛି , ତତ୍ପରେ ବାଲେଶ୍ୱର ଓ କଟକ ଜିଲାର ସୀମା ନିର୍ଦ୍ଦେଶ କରି ଧାମରା ବନ୍ଦର ନିକଟରେ ବଙ୍ଗୋପସାଗ-

ଗରେ ପଡ଼ିଅଛି । ମୟୂରଭଞ୍ଜର ସର୍ଦ୍ଦା , କେନ୍ଦୁଆ , ଅଦପୁର ଓ କୃଷ୍ଣା ଗ୍ରାମମାନ ଏହି ନଦୀକୂଳରେ ଅବସ୍ଥିତ । ଏଇର-ଭଣ୍ଡନ , ଦମ୍ଭା , ଗେଲ ଓ ଗାଳଦୀ ମୟୂରଭଞ୍ଜ ପାର୍ଶ୍ୱରୁ ଏହାର ପ୍ରଧାନ ଉପନଦୀ ଅଟେ ।

୪ ଜମ୍ବିରା (ପାଞ୍ଚପଡ଼ା)—ମଝାଲଭାଗ ପରଗଣାର ଅନ୍ତର୍ଗତ ସୁଙ୍କା-ଟେପସି ବେତ୍ବାବନରୁ ନିର୍ଗତ ହୋଇ ମଝାଲଭାଗ , ଦେଉଳୀ ଉପୁଣିଆ , ବାଘଡ଼ା ଓ ଅସନଖାଲି ପରଗଣା ମଧ୍ୟ ଦେଇ ପ୍ରବାହିତ ହୋଇ ପାଞ୍ଚପଡ଼ା ନାମକ ସ୍ଥାନରେ ବଙ୍ଗୋପସାଗରରେ ପତିତ ହୋଇ ଅଛି । ଦେଉଳୀ , ଜାମ୍ବଣୀ ରାଇବଣିଆ , ସିଲଦା , ପାଟପୁର ଓ ପିଙ୍ଗୁଡ଼ି ଗ୍ରାମମାନ ଏହା କୂଳରେ ଅବସ୍ଥିତ । ଗୋଲାପ୍ର, ବାଁଆଜଳ ଓ ମସୁରୀ ଏହାର ପ୍ରଧାନ ଉପନଦୀ ଅଟେ ।

ଜଳପ୍ରପାତ ।

ତୁଦୁଆ ଜଳପ୍ରପାତ—ଖିଚିଂ ପରଗଣାରେ , ପଲପଲା—ମଝାଲଭାଗରେ, ଦେବକୁଣ୍ଡ--ସିମଲୀପାଳ ପରଗଣାରେ ଓ ରାମତୀର୍ଥ--ପାଞ୍ଚପିଢରେ ଅବସ୍ଥିତ । ମୟୂରଭଞ୍ଜ ପର ପାର୍ବତ୍ୟ ସ୍ଥାନରେ ଅନେକ ଜଳ ପ୍ରପାତ ଥିଲେ ମଧ୍ୟ ଉକ୍ତ ଗୁଚିଗୋଟି କେବଳ ପ୍ରଧାନ ।

ବାଣିଜ୍ୟ ସ୍ଥାନ ।

କାପ୍ତିପଦା—ବୁଢ଼ାବଳଙ୍ଗନଦୀ କୂଳରେ ଅବସ୍ଥିତ । ଏହା ମୟୂରଭଞ୍ଜ

କଲାର ବର୍ତ୍ତମାନ ରାଜଧାନୀ ଅଟେ । ଏଠାରେ ରାଜପ୍ରାସାଦ, ଜଗନ୍ନାଥ ଓ କଟକେଶ୍ୱରୀଙ୍କ ମନ୍ଦିର , ପ୍ରଧାନ, ବିଭାଗୀୟ କଚେରୀ , ଜେଲ , ଡାକ୍ତରଖାନା ଓ ହାଇଇଂରେଜୀ ବିଦ୍ୟାଳୟ ଅଛି । ରଥଯାତ୍ରା ଏଠାରେ ଯେପରି ହୁଏ , ଶ୍ରୀକ୍ଷେତ୍ର ଭିନ୍ନ ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ସେପରି ହୁଏ ନାହିଁ । ଏହି ଯାତ୍ରାଉପଲକ୍ଷରେ ଏହି କଲାର ପାର୍ଶ୍ୱବର୍ତ୍ତୀ ଜିଲା ମାନଙ୍କରୁ ବହୁସଂଖ୍ୟକ ଯାତ୍ରୀ ଓ ଦୋକାନୀ ଆସନ୍ତି ।

କହ୍ଲଦା—ଖଡ଼କେଇ ଉପନଦୀର କରଦ ସ୍ରୋତ ଜେଗା କୂଳରେ ଅବସ୍ଥିତ , ଏହା ବ୍ରାହ୍ମଣପାଙ୍କ ମହକୁମାର ପ୍ରଧାନ ନଗର। ଏଠାରେ ମଧ୍ୟ ଭଞ୍ଜବଂଶର କୁଳଦେବୀ କୀଚକେଶ୍ୱରୀଙ୍କର ପ୍ରତି- ମୂର୍ତ୍ତି ଅଛି । ଇନ୍ଦ୍ରଯାତ୍ରା ଉପଲକ୍ଷରେ ଏଠାରେ ଗୋଟିଏ ପ୍ରସିଦ୍ଧ ମେଳା ହୁଏ ।

କରଞ୍ଜିଆ—ଏଠାରେ ପାଞ୍ଚପିଡ ମହକୁମାର କଚେରୀ ହୁଏ ।

ଖୀର୍ପା—ସୁବର୍ଣ୍ଣରେଖା ନଦୀ କୂଳରେ ଅବସ୍ଥିତ । ଉପରଭାଗମଧ୍ୟରେ ସର୍ବାପେକ୍ଷା ବୃହତ୍ ଗ୍ରାମ ଏବଂ ପ୍ରଧାନ ବାଣିଜ୍ୟ ସ୍ଥଳ । ଏହାର ନିକଟବର୍ତ୍ତୀ ମେରୁଦଣ୍ଡ ଗ୍ରାମରେ ଏକ ବାବାଜିଙ୍କ ମଠ ଏବଂ ବଗିଚା ଅଛି ।

ଯାଣ୍ଡ଼ା—ସୁବର୍ଣ୍ଣରେଖା ନଦୀତୀରବର୍ତ୍ତୀ , ଏଠାରେ ବାରୁଣୀ ଯାତ୍ରା ଉପଲକ୍ଷରେ ୧୪ । ୧୫ ଦିନ ପର୍ଯ୍ୟନ୍ତ ଗୋଟିଏ ଯାତ୍ରା ହୁଏ ।

ସିମଲା—ଏଠାରେ ସିମଳେଶ୍ୱର ନାମକ ଏକ ବିଖ୍ୟାତ ମହାଦେବ ଅଛନ୍ତି, ଶିବଚତୁର୍ଦ୍ଦଶୀକୁ ଏଠାରେ ଗୋଟିଏ ବୃହତ୍ ମେଳା ହୁଏ ।

ହାଟଗମ୍ହପଷି—ଏଠାରେ ବର୍ଷ, କାଠ ନମେଷ ମଧ୍ୟରେ ଚଉଦା

ସକାଶେ ଗୋଟିଏ କର୍ତ୍ତକାଳ ସଂସ୍ଥାପିତ ହୋଇଅଛି । ଏଠାକାର ପ୍ରାକୃତିକ ଦୃଶ୍ୟ ଅତି ମନୋହର ।

ଚିତ୍ରଡ଼ା—ଏଠାରେ ଶିବରାତ୍ରିକୁ ଏକ ପ୍ରଧାନ ଯାତ୍ରା ହୁଏ । ଏଠାର ସାପ୍ତାହିକ ହାଟ ମଧ୍ୟ ବଖ୍ୟାତ ।

ଜଲେମରା—ସୁବର୍ଣ୍ଣରେଖା ନଦୀର ପଶ୍ଚିମ କୂଳରେ ଅବସ୍ଥିତ । ଏହି ଗ୍ରାମରେ ଓ ଏହାର ସନ୍ନିକଟସ୍ଥ ମାଙ୍କଡ଼ିଆ ଗ୍ରାମରେ ଉତ୍କୃଷ୍ଟ ଟସରଲୁଗା ପ୍ରସ୍ତୁତ ହୁଏ । ଏଠାରେ ପୋଷ୍ଟ ରେଜେଷ୍ଟ୍ରୀ ଅଫିସ ଥାନା ଓ ମଧ୍ୟ ଇଂରାଜୀ ସ୍କୁଲ ଅଛି । ମକରସଂକ୍ରାନ୍ତିକୁ ଏଠାରେ ଗୋଟିଏ ମେଳା ହୁଏ ।

ଲଙ୍ଗଲକଟା—ଏଠାରେ ଇଂରେଜମାନଙ୍କର ଗୋଟିଏ ଉପାସନା ମନ୍ଦିର ଅଛି ।

ଅମ୍ବଯୋଡ଼ା—ଏଠାରେ ମକରସଂକ୍ରାନ୍ତିକୁ ଗୋଟିଏ ପ୍ରଧାନ ଯାତ୍ରା ହୁଏ ; ଏଠାକାର ସାପ୍ତାହିକ ହାଟ ସୁଦ୍ଧା ବିଖ୍ୟାତ ।

ମାଣହୀ—ଏଠାରେ ଗୋଟିଏ ପ୍ରସିଦ୍ଧ ଶିବମନ୍ଦିର ଅଛି , ଏବଂ ଶିବ-ଯାତ୍ରା ଅତି ସମାରୋହରେ ସମ୍ପନ୍ନ ହୁଏ । ମନ୍ଦିର ପାଖରେ ମସପୂର୍ଣ୍ଣ ଗୋଟିଏ କୁଣ୍ଡ ଅଛି ; ହିନ୍ଦୁମାନେ ଏହି କୁଣ୍ଡର ଜଳକୁ ପବିତ୍ର ଜ୍ଞାନ କରନ୍ତି । କଥିତ ଅଛି ଯେ ମହାରାଜ ରାମଚନ୍ଦ୍ର-ଭଞ୍ଜ ଏହି ମନ୍ଦିର ସ୍ଥାପନ କରିଅଛନ୍ତି ।

ଛୌଲଶି—ଏଠାରେ ବାସନ ପ୍ରସ୍ତୁତ ହେବାର ମୁଗୁନୀ ପଥରର ଖଣି ଅଛି ।

ଛାଲତଡା—ଏଠାରେ ବରାଟପାଟ ନାମକ ଏକ ଠାକୁରାଣୀ ଅଛନ୍ତି

ଖୁଣ୍ଟା—ଏଠାରେ ଏକ ପ୍ରସିଦ୍ଧ ମଠ ଅଛି । ଅଭିଷେକ ପର୍ବ ଏଠାରେ ଗୋଟିଏ ଯାତ୍ରା ହୁଏ ।

ହରିପୁର—ଏହା ପୂର୍ବେ ମୟୂରଭଞ୍ଜର ରାଜଧାନୀ ଥିଲା ; ଅଦ୍ୟାବଧି ଏଠାରେ ଜଗନ୍ନାଥ ଓ ଲକ୍ଷ୍ମୀନାରାୟଣଙ୍କ ମନ୍ଦିର ଏବଂ ଗଡ଼ର ପ୍ରାଚୀରର ଭଗ୍ନାବଶେଷ ଦୃଷ୍ଟ ହୁଏ । ଏଠାରେ ଅନେକ ଆମ୍ବ ତୋଟା ଅଛି ।

ଡେଙ୍ଗାପୋଷ—ଧରୁଆ ଜାତୀୟ ଜମିଦାର ମାଧବ ଦାସ ସଙ୍ଗରେ ମହାରାଜ ଯଦୁନାଥ ଭଞ୍ଜଙ୍କର ଶେଷ ଯୁଦ୍ଧ ହୋଇ ଥିଲା । ଉକ୍ତ ଯୁଦ୍ଧରେ ମହାରାଜ ଯଦୁନାଥ ଭଞ୍ଜ ଜୟଲାଭ କରି ବ୍ରାହ୍ମଣଘାଟିଙ୍କୁ ଜମିଦାରୀ ଶୂନ୍ୟ କଲେ ।

ହୁନୁ—ଖଡ଼କେଇ ଉପନଦୀ କୂଳରେ ଅବସ୍ଥିତ । ଏହି କିଲା ମଧ୍ୟରେ ଏପରି ମୁସଲମାନ ବସ୍ତି ଅଉ ଦ୍ୱିତୀୟ ନାହିଁ । ଏଠାରେ ମୁସଲମାନ ପିଲାମାନଙ୍କର ଶିକ୍ଷା ନିମନ୍ତେ ଗୋଟିଏ ମକ୍ତବ (ବିଦ୍ୟାଳୟ) ଅଛି ।

ଭାଇରଙ୍ଗପୁର—ଖଡ଼କେଇ ଉପନଦୀ କୂଳରେ ଅବସ୍ଥିତ । ଏଠାରେ ଲୁପ୍ତ ଧାରୁଆ ଜାତୀୟ ଜମିଦାରମାନଙ୍କ ଗଡ଼ର ଭଗ୍ନାବଶେଷ ଅଦ୍ୟାପି ଦୃଷ୍ଟ ହୁଏ । ଏଠାର ହାଟ (ଗଡ଼ହାଟ) ଅତି ପ୍ରସିଦ୍ଧ । ଉକ୍ତ ହାଟରେ ପ୍ରଚୁର ଲାହା ଆମଦାନୀ ହୁଏ ।

ଜସିପୁର—ଖଇରବଣ୍ଡନ କୂଳରେ ଅବସ୍ଥିତ । ଏଠାରେ ଗୋଟିଏ ସଦାବ୍ରତ ମଠ ଅଛି ।

ଆନନ୍ଦପୁର—ବୈତରଣୀ ନଦୀ ତୀରରେ ଅବସ୍ଥିତ । ମୟୂରଭଞ୍ଜ ରାଜବଂଶର ଆଦିପୁରୁଷ ଜୟସିଂହଙ୍କ ପୁତ୍ର ଆନନ୍ଦସିଂହ ଭଞ୍ଜ ନାମାନୁସାରେ

ଏଠାରେ ଗୋଟିଏ ଗଡ଼ ସ୍ଥାପନ କରିଥିଲେ ।

ଖିଚିଙ୍ଗ—ଏଠାରେ ମହାରାଜା ଆଦିସିଂହଙ୍କ ସ୍ଥାପିତ ଅଦ୍ୟା ଦେବୀଙ୍କ ଶ୍ରୀ ଠାକୁରାଣୀ ଅଦ୍ୟାବଧି ବିଦ୍ୟମାନ ଅଛନ୍ତି ।

—;o;—

ପ୍ରଧାନ ୨ ସଡ଼କ ।

ବାଲେଶ୍ୱର ସଡ଼କ—ବାରିପଦାରୁ ଦକ୍ଷିଣ ପୂର୍ବକୁ ବାଲେଶ୍ୱର ପର୍ଯ୍ୟନ୍ତ ବିସ୍ତୃତ । ନଙ୍ଗଲକଟା, ବେତନଟି ଓ ବୈଶିଙ୍ଗା ଡାକ ବଙ୍ଗଳା (ବିଶ୍ରାମାଗାର) ଏହି ସଡ଼କ ପାର୍ଶ୍ୱରେ ଅବସ୍ଥିତ

ବ୍ରାହ୍ମଣଘାଟି ସଡ଼କ—ବାରିପଦାରୁ ଉତ୍ତର ପଶ୍ଚିମକୁ ବହଳଦା ବାଟେ ଗୋଁଇବସା ପର୍ଯ୍ୟନ୍ତ ବିସ୍ତୃତ । କୁସୁମ, କୁଳିଅଣା, ହାଣ୍ଡା, ବଙ୍ଗୋଇ, ବଡ଼ାମଉଳିଆ, ମହୁଲଡିହା, ବହଳଦା ଓ ଗୋଇଙ୍ଗା-ଟିହ ଡାକ ବଙ୍ଗଳା ଏହି ସଡ଼କ ପାଖରେ ସ୍ଥିତ ।

ମେଦନୀପୁର ସଡ଼କ—ବାରିପଦାରୁ ଉତ୍ତରକୁ ପ୍ରାୟ ୪୦ ମାଇଲ ଯାଇ ଲଧାଶୋଲ ନାମକ ସ୍ଥାନରେ ସମ୍ବଲପୁର ସଡ଼କ ସହିତ ମିଶି ଅଛି । ଏହି ସଡ଼କ ପାଖରେ ବାରିପଦା, ଦେଉଳୀ ଓ ନସ୍ୟାବସାନ ବଙ୍ଗଳା ଅଛି ।

ସମ୍ବଲପୁର ସଡ଼କ—ମେଦନୀପୁରଠାରୁ ଦକ୍ଷିଣ ପଶ୍ଚିମାଭିମୁଖରେ ଏହି ସଡ଼କ ବାହାରି ବ୍ରାହ୍ମଣଘାଟି ଓ ପାଣ୍ଡିପିଡ଼ା ମଧ୍ୟଦେଇ ସମ୍ବଲ-ପୁର ପର୍ଯ୍ୟନ୍ତ ବିସ୍ତୃତ; ଏହା ବ୍ରହ୍ମଣଘାଟି ସଡ଼କକୁ ବଙ୍ଗୋଇ ଗ୍ରାମ ପାଖରେ କାଟି ଯାଇଅଛି । ମନ୍ଦା, ଜସିପୁର, ଗିଧବାସ ଓ କରଞ୍ଜିଆ ଡାକ ବଙ୍ଗଳା ଏହି ସଡ଼କ ପାଖରେ ଅବସ୍ଥିତ ।

ପୁଡ଼ାଡିହା ସଡ଼କ—ବାରିପଦାରୁ ପୁଡ଼ାଡିହା ପର୍ଯ୍ୟନ୍ତ ବିସ୍ତୃତ ।
ପ୍ରତାପପୁର, ଖୁଣ୍ଟା, ଜଶିପୁର, ଅଦଲା ଓ ପୁଡ଼ାଡିହା ବିଶ୍ରମାଗାର ଏହି ସଡ଼କ ପାର୍ଶ୍ୱସ୍ଥ ।

ଭଞ୍ଜପୁର ସଡ଼କ—ବାରିପଦାରୁ ରେଲ ଷ୍ଟେସନ "ମୟୂରଭଞ୍ଜ ରୋଡ" ପର୍ଯ୍ୟନ୍ତ ବିସ୍ତୃତ । ଏହି ସଡ଼କର କାର୍ଯ୍ୟ ଏଯାବତ୍ ଶେଷ ପାଏନାହିଁ ।

ରାଇରଙ୍ଗପୁରରୁ ଜସିପୁର ସଡ଼କ । କୁଲିଅଣାରୁ ଶୀର୍ଷା ସଡ଼କ । ପ୍ରତାପପୁରରୁ ମାଣଡ୍ରୀ ହୋଇ ନରଜଗାଁ ସଡ଼କ । ଦାନ୍ତିଆମୁହାଁରୁ ଚଡ୍ରଡ଼ା ସଡ଼କ । ବୈସିଙ୍ଗାରୁ ରୂପସା ସଡ଼କ । ବୈସିଙ୍ଗାରୁ ମାଣଡ୍ରୀ ସଡ଼କ ।

———:o:———

ଜଳବାୟୁ ଓ ସ୍ୱାସ୍ଥ୍ୟ ।

ଏହି ଜିଲା ପାର୍ବତ୍ୟ ପ୍ରଦେଶ ହେବାରୁ ଶୀତକାଳରେ ଅତ୍ୟନ୍ତ ଶୀତ ଓ ଗ୍ରୀଷ୍ମକାଳରେ ଅତ୍ୟଧିକ ଗ୍ରୀଷ୍ମ ହୋଇ ଥାଏ । ସିମଳୀପାଳର କୌଣସି ୨ ଅଞ୍ଚଳରେ ଶୀତକାଳରେ ବରଫ ମଧ୍ୟ ପଡ଼ିବାର ଦେଖାଯାଏ । ପାଞ୍ଚପିଡ଼, ସିମଳୀପାଳ, ପୁଡ଼ାଡିହା, କପ୍ତିପଦା ଓ ଓଲମରା ପ୍ରଗଣା ବ୍ୟତୀତ ଏହି ଜିଲାର ଜଳବାୟୁ ସାଧାରଣତଃ ଅସ୍ୱାସ୍ଥ୍ୟକର ନୁହେ ।

———o0o———

ଜାତି ଓ ଧର୍ମ୍ମ ।

ଆର୍ଯ୍ୟ ଜାତିମାନଙ୍କ ଦ୍ୱାରା ପରାଜିତ ଓ ଶସ୍ୟଶାଳୀ ପ୍ରଦେଶରୁ ବିତାଡ଼ିତ ହୋଇ ଭାରତର ଆଦିମ ନିବାସିମାନେ ଗଡ଼ଜାତମାନଙ୍କର ଅରଣ୍ୟ ମଧ୍ୟରେ ଆଶ୍ରୟ ଗ୍ରହଣ କରି ଥିବାରୁ ଓଡ଼ିଶା ଗଡ଼-

ଯାହାର ଅଧିକାଂଶ ବାସୋପଯୋଗୀ ସ୍ଥାନ ସେହି ସବୁ ଅନାର୍ଯ୍ୟ ଜାତିରେ ପରିପୂର୍ଣ୍ଣ । ଏହି ଜିଲାରେ ଆଦିମ ଜାତିର ସଂଖ୍ୟା ଅଧିକ । ଏହି ଆଦିମ ଜାତି ମଧ୍ୟରୁ ସାନ୍ତାଳ, କୋଲହ, ଭୂମିଜ, କୁଡ଼ମି, ବାଥୁଡ଼ି, ଭୂୟାଁ, ଖଡ଼ିଆ, ପୁରାଣ, ଗୁଣ୍ଡି, ସବର ପ୍ରଭୃତି ପ୍ରଧାନ । ଏମାନେ କୌଣସି ବିଶେଷ ଧର୍ମ-ସମ୍ପ୍ରଦାୟ ଭୁକ୍ତ ନୁହନ୍ତି । ଖ୍ରୀଷ୍ଟ ଧର୍ମ ପ୍ରଚାରକମାନଙ୍କ ପ୍ରଭାବରୁ ଏମାନଙ୍କ ମଧ୍ୟରୁ କେତେକ ଖ୍ରୀଷ୍ଟ ଧର୍ମ ଗ୍ରହଣ କରୁ ଅଛନ୍ତି ।

ମୟୂରଭଞ୍ଜର ହାଟୁଆ ପ୍ରଜାମାନଙ୍କ ମଧ୍ୟରେ ଅଧିକାଂଶ ହିନ୍ଦୁ ଓ ଅଲ୍ପାଂଶ ମୁସଲମାନ । ଏହି ଜିଲାସ୍ଥ ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ବ୍ରାହ୍ମଣ, କ୍ଷତ୍ରିୟ, କରଣ, ଖଣ୍ଡାୟତ, ଗଉଡ଼, ଭଣ୍ଡାରି, କୁମ୍ଭାର, କମାର, ତନ୍ତି, ମାଲୀ, ବଣିଆ, ଚାମିଲି, ପ୍ରଭୃତି ଭିନ୍ନ ସମ୍ପ୍ରଦାୟର ଲୋକ ଅଛନ୍ତି ।

ପ୍ରଚଳିତ ଭାଷା ।

ଓଡ଼ିଆ ।	ସାନ୍ତାଳୀ ।
କୁଡ଼ୁମାଲୀ ।	କୋହ୍ଲ ।
ଭୂମିଜାଲୀ ।	ହିନ୍ଦୀ । (ଅଳ୍ପ)

ଜନ୍ତୁ ।

ପଶୁ—ଗୋ, ମହିଷ, ଛାଗ, କୁକ୍କୁର, ବିରାଡ଼ି, ହସ୍ତୀ, ବ୍ୟାଘ୍ର, ଭଲ୍ଲୁକ, ହରିଣ, କୃଷ୍ଣସାର ମୃଗ, ବରାହ, ବନଅକୁକ୍କୁର,

ହୁଣ୍ଡାଳ , ଶୃଗାଳ , ଶଶକ ଓ କୃଷ୍ଣମୁଖ ବାନର ପ୍ରଧାନ ।

ପକ୍ଷୀ—ପାରାବତ , ହଂସ , କୁକ୍କୁଟ , ମୟୂର , ସାରସ , ଗୃଧ୍ର , ଚିଲ , ବାଜ , କପୋତ , ପେଚକ , ଡିଙ୍ଗର , ହଳଦୀବସନ୍ତ , ବଣି , ଶୁକ , ସାରି ସୁଆ , ଟିଆ , ଚନ୍ଦନା , ଶାମା , ଭୁଡି , ପାପଆ , ବାଦୁଡ଼ି , ଓ ବକ ପ୍ରଧାନ ।

ଏତଦ୍ଭିନ୍ନ ଅଜଗର , ଗୋଖୁରା ପ୍ରଭୃତି ନାନା ପ୍ରକାର ସରୀସୃପ , ପତଙ୍ଗ ଓ ମକ୍ଷିକା ଦୃଷ୍ଟ ହୁଏ ।

ଅରଣ୍ୟଜାତ ବୃକ୍ଷ ।

ଶାଳ , ପିଅଶାଳ , ଶିଶୁ , ଖଇର , ଧଅ , ଅସନ , କେନ୍ଦୁ , ମହୁଲ , କଷି , କୁସୁମ , ଗମ୍ଭାରି , କୁଲିଆ, ଦରାସି , କଆ, ଅର୍ଜ୍ଜୁନ , ଆମ୍ବ , ପଣସ ଓ ତେନ୍ତୁଳି ଏହି ରାଜ୍ୟଜାତ ପ୍ରଧାନ ବୃକ୍ଷ ଅଟେ ।

ଖନିଜ ପଦାର୍ଥ ।

ଲୌହ—ବ୍ରାହ୍ମଣପାଟ୍ଟର ଅଧିକାଂଶ ସ୍ଥଳରେ ମିଳେ

ଅଭ୍ର—ଉପରଭାଗ ପରଗଣାର ଅନ୍ତର୍ଗତ ବୀରସିଂହ ପାହାଡ଼ରୁ ଉତ୍ଖାତ ହୁଏ ।

ସ୍ୱର୍ଣ୍ଣ—ସୁବର୍ଣ୍ଣରେଖା ଓ ବ୍ରାହ୍ମଣପାଟ୍ଟର କୌଣସି ୨ ନଦୀ ବାଲିରେ କିଞ୍ଚିତ୍ ପରିମାଣରେ ସୁବର୍ଣ୍ଣରେଣୁ ମିଳେ ।

ମୃତ୍ତିକା ପଥର—ଜଷ୍ଟିପଦାନ୍ତର୍ଗତ ଚୌଭାଣ୍ଡି ନାମକ ସ୍ଥାନରେ ଏହାର ଖଣି ଅଛି ।

:o;

ବାଣିଜ୍ୟ ।

ବିଲାତି ଲୁଗା, ଧାତୁ, ପ୍ରସ୍ତର ଓ କାଚ ନିର୍ମିତ ବାସନ, ଲବଣ ଚିନି, ଗୁଡ଼ାଖୁ, ପାନ, ଗୁବାକ, ନାରକେଲ ତେଲ, କେରାସିନ-ତେଲ, ଅହିଫେନ ଓ ଗଞ୍ଜା ପ୍ରଧାନ ଆମଦାନି ଦ୍ରବ୍ୟ ।

ଧାନ, ଚାଉଳ, ରବିଶସ୍ୟ, କାଠ, କୋଇଲା, ଶାଳପତ୍ର, ହରିଡ଼କୀ, ବହେଡ଼କୀ, ଆମଳକୀ, ମଧୁ, ମହମ, ଚୂଣ, ଲାହା, ଖଦିର, କୋଚଲା, କୁସୁମ, ମହୁଲ, ଟସର, ଗଜଦନ୍ତ, ମୟୂରପୁଚ୍ଛ, ଝିମିଝିଭୂଳା, ମହିଷ ଓ ହରିଣଶୃଙ୍ଗ ପ୍ରଭୃତି ପ୍ରଧାନ ରପ୍ତାନି ଦ୍ରବ୍ୟ ।

:o:

ବର୍ତ୍ତମାନ ରାଜ୍ୟ ଶାସନ ପ୍ରଣାଳୀ ।

ମୟୂରଭଞ୍ଜ ଇଂରେଜଗବର୍ଣ୍ଣମେଣ୍ଟଙ୍କ ଅଧୀନ ଗୋଟିଏ କରଦ-ରାଜ୍ୟ । ଏହି ରାଜ୍ୟର ବିଚାର, ପୁଲିଶ, ଜେଲ, ରାଜସ୍ୱ, ପୂର୍ତ୍ତ, ଚିକିତ୍ସା, ଶିକ୍ଷା, ପ୍ରଭୃତି ସମସ୍ତ ବିଭାଗମାନ ମହାରାଜଙ୍କ ଆଦେଶାନୁସାରେ ପରିଚାଳିତ ହୁଏ । ପ୍ରତ୍ୟେକ ବିଭାଗର ଭାର ଜଣେ ଜଣେ ଉଚ୍ଚକର୍ମଚାରୀଙ୍କ ଉପରେ ନ୍ୟସ୍ତ ଅଛି । ମହାରାଜ ସ୍ୱୟଂ ରାଜସ୍ୱ-ସଂକ୍ରାନ୍ତ ମୋକଦ୍ଦମାର ଚୂଡ଼ାନ୍ତ ନିଷ୍ପତ୍ତି କରନ୍ତି । ଦେୱାନି ଓ ଫଉଜ୍‌ଦାରୀ ମୋକଦ୍ଦମା ଜୁଡିସିଏଲ କମିଟି ଦ୍ୱାରା ଚୂଡ଼ାନ୍ତନିଷ୍ପତ୍ତି ହୁଏ । ସେଶନ ବିଚାର୍ଯ୍ୟ ମୋକଦ୍ଦମା ଭିନ୍ନ ସର୍ବପ୍ରକାର ମୋକଦ୍ଦମା ବିଚାର

କହିବାକୁ ମହାରାଜଙ୍କର କ୍ଷମତା ଅଛି । ଜୁଡିସିଏଲ କମିଟିରେ ମହାରାଜଙ୍କୁ ଛାଡ଼ି ତିନିଜଣ ମେମ୍ବର ଅଛନ୍ତି । ଏମାନଙ୍କମଧ୍ୟରୁ ମହାରାଜ ପ୍ରଧାନ ବିଚାରପତିଙ୍କ ଆସନ ଗ୍ରହଣ କରନ୍ତି । ବାର୍ଷିକ ଆୟ ବ୍ୟୟ ନିରୂପଣ, ରାଜ୍ୟ ପରିଚାଳନାର୍ଥେ ସୁନିୟମ ଲିପିବଦ୍ଧ, ନୂତନ ଜ୍ଞାପ୍ୟ କରଧାର୍ଯ୍ୟ ପ୍ରଭୃତି ଗୁରୁତର କାର୍ଯ୍ୟ ସମାଲୋଚନା ପାଇଁ ଗୋଟିଏ ଷ୍ଟେଟ୍‌କାଉନସିଲ (ମନ୍ତ୍ରଣାସଭା) ଗଠିତ ହୋଇ ଅଛି ଏହି ସଭାରେ ମହାରାଜଙ୍କ ପିତୃବ୍ୟ ଶ୍ରେଷ୍ଠରାୟ ବୃନ୍ଦାବନ ଚନ୍ଦ୍ର ଭଞ୍ଜ ଦେଓ ସାହେବ, ବେବର୍ତ୍ତା ବାବୁ ରାମହରି ଜହୁ, ଦେଓ୍ୟାନ୍, ଷ୍ଟେଟ୍‌ଜଜ୍, ପୁଲିଶସାହେବ, ଓ ଇଞ୍ଜିନିୟର ଏହି ଛଜଣ ମେମ୍ବର (ସଭ୍ୟ) ଅଛନ୍ତି । ମହାରାଜ ସ୍ୱୟଂ ସଭାପତିଙ୍କ ଆସନ ଗ୍ରହଣ କରନ୍ତି । ସଭାପତି ଏବଂ ସଭ୍ୟଗଣ ଜଟିଳ ପ୍ରଶ୍ନମାନ ସମାଲୋଚନା କରି (ଭୋଟ ଦ୍ୱାରା) ସ୍ୱ ସ୍ୱ ମତାମତ ବ୍ୟକ୍ତ କରନ୍ତି । ପ୍ରତ୍ୟେକ ବିଷୟରେ ପ୍ରତ୍ୟେକ ସଭ୍ୟଙ୍କର ଗୋଟିଏ ଲେଖାଁଏ ଭୋଟ ଦେବାର କ୍ଷମତା ଅଛି କେବଳ ସଭାପତିଙ୍କର ଦୁଇଟି ମାତ୍ର । ଯେଉଁ ମୀମାଂସା ଅଧିକତର ଭୋଟଦ୍ୱାରା ସମର୍ଥିତ ହୁଏ ତାହାହିଁ କାର୍ଯ୍ୟରେ ପରିଣତ ହୁଏ । ଅନ୍ତତଃ ତିନିଜଣ ସଭ୍ୟ ଓ ସଭାପତି ଉପସ୍ଥିତ ନ ହେଲେ ଏହି ସଭାର ଅଧିବେଶନ ହୁଏ ନାହିଁ ।

ସଂକ୍ଷିପ୍ତ ଐତିହାସିକ ବିବରଣ ।

——:o:——

ମୟୂରଭଞ୍ଜର ପ୍ରାଚୀନ ଇତିହାସ ବଡ଼ ପରିଷ୍କାର ନୁହେଁ । ପୂର୍ବେ ବୋଲା ହୋଇ ଅଛି ଯେ ବଙ୍ଗଳା ଓ ଓଡ଼ିଶାର ଶସ୍ୟଶାଳୀ ପ୍ରଦେଶରୁ ଆଦିମ ଜାତିମାନେ ଆର୍ଯ୍ୟ ଜାତି କର୍ତ୍ତୃକ ବିତାଡ଼ିତ ହୋଇ ଗଡ଼ଜାତର ଅରଣ୍ୟ ମଧ୍ୟରେ ଆଶ୍ରୟ ଗ୍ରହଣ କରିବାରୁ ମୟୂରଭଞ୍ଜ କେବଳ ଅନାର୍ଯ୍ୟମାନଙ୍କର ଆବାସ ସ୍ଥଳ ଥିଲା । ଏହି ଅନାର୍ଯ୍ୟମାନଙ୍କର କେହି ରାଜାଥିଲେ ନାହିଁ ମାତ୍ର ସ୍ଥାନେ୨ ଜଣେ୨ ଦଳପତି ଥିଲେ ! ଏମାନେ ମୃଗୟା ଓ ସ୍ୱସ୍ୱ ଇଚ୍ଛାନୁସାରେ କୃଷିକାର୍ଯ୍ୟ ଦ୍ୱାରା ଜୀବନ ଯାତ୍ରା ନିର୍ବାହ କରୁଥିଲେ । ଏହି ଅନାର୍ଯ୍ୟ ମାନେ ନାନା ସମ୍ପ୍ରଦାୟରେ ବିଭକ୍ତ ଥିଲେ ଏବଂ ବର୍ତ୍ତମାନ ମଧ୍ୟ ଅଛନ୍ତି । ଏମାନଙ୍କ ମଧ୍ୟରେ ଭୂୟାଁ, ବାଥୁଡ଼ି ଓ ଧରୁଆ ସମ୍ପ୍ରଦାୟ ତୁଳନାରେ ବୁଦ୍ଧିମାନ ଓ ପରାକ୍ରମଶାଳୀ ଥିଲେ ।

ରାଜ ପୁରାନାନ୍ତର୍ଗତ ଜୟପୁର ରାଜବଂଶୀୟ ଜୟସିଂହ ତୀର୍ଥାଟନ ମାନସରେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରକୁ ଆସି ଖ୍ରୀଃ ୬୪୮ ରେ ଏହି ରାଜ୍ୟ ଅଧିକାରକଲେ । ମୟୂରଭଞ୍ଜ--ରାଜନ୍ୟବର୍ଗର ଆଦିପୁରୁଷ ଏହି ଜୟସିଂହ । ଏଣୁକରି ଏହି ରାଜ୍ୟର ରାଜାମାନେ ସୂର୍ଯ୍ୟବଂଶୀୟ କ୍ଷତ୍ରିୟ ଅଟନ୍ତି । ଏହି ରାଜ୍ୟର ସିଂହାସନାରୂଢ଼ ରାଜାଙ୍କ ପରଲୋକ ପ୍ରାପ୍ତି ହେଲେ ତଦୀୟ ଜ୍ୟେଷ୍ଠ ପୁତ୍ର ରାଜା ହୁଅନ୍ତି । ମହାରାଜ ଜୟ ସିଂହ ଖ୍ରୀଃ ୬୮୮ପର୍ଯ୍ୟନ୍ତ ରାଜତ୍ୱ କରି ସ୍ୱର୍ଗାରୋହଣ କରିବାରୁ ତାହାଙ୍କର ଜ୍ୟେଷ୍ଠପୁତ୍ର ଆଦିସିଂହ ରାଜା ହେଲେ ।

କଥିତ ଅଛି ମହାରାଜ ଆଦିସିଂହ ଅନାର୍ଯ୍ୟାଧିନାୟକ ମୟୂରଧ୍ୱଜର ଗର୍ବଭଞ୍ଜନ କରି ସ୍ୱୟଂ ' ଭଞ୍ଜ ' ଉପାଧି ଧାରଣ ଏବଂ ମୟୂରଧ୍ୱଜର ସ୍ମରଣାର୍ଥ ମୟୂରପକ୍ଷୀ ରାଜକେତନ ସ୍ୱରୂପ ବ୍ୟବହାର କରିଥିଲେ ।

ସେହି ଦିନଠାରୁ ମୟୂରଭଞ୍ଜର ରାଜନ୍ୟବର୍ଗ 'ଭଞ୍ଜ' ଉପାଧି ଧାରଣ ଓ ମୟୂର ସଙ୍କେତ ବ୍ୟବହାର କରି ଆସୁ ଅଛନ୍ତି ।

ମହାରାଜ ଆଦିସିଂହ ନିଜ ନାମାନୁସାରେ ଆଦିପୁରରେ ରାଜଧାନୀ ସ୍ଥାପନ କଲେ । ଆଦିପୁରସ୍ଥ ଗଡ଼ର ଭଗ୍ନାବଶେଷ ଓ ତନ୍ନିକଟସ୍ଥ ଖିଚିଙ୍ଗ ନାମକ ଗ୍ରାମରେ ଆଦିସିଂହଙ୍କ ଦ୍ୱାରା ସ୍ଥାପିତ ଅଦ୍ୟାକୀର୍ତ୍ତି-କେଶରୀ ଠାକୁରାଣୀ ଅଦ୍ୟାପି ବିଦ୍ୟମାନ । ମହାରାଜ ହରେକୃଷ୍ଣ-ଭଞ୍ଜ ଖ୍ରୀଃ ୧୪୬୪ ରେ ଆଦିପୁର ଗଡ଼ତ୍ୟାଗ କରି ହରିପୁରରେ ରାଜଧାନୀ ସ୍ଥାପନ କଲେ । ହରିପୁରସ୍ଥ ଗଡ଼ ଓ ଦେବାଳୟର ଭଗ୍ନା-ବଶେଷ ଅଦ୍ୟାପି ଦୃଷ୍ଟ ହୁଏ । ବର୍ତ୍ତମାନ ରାଜଧାନୀ ବାରିପଦା ମହାରାଜ ବୈଦ୍ୟନାଥ ଭଞ୍ଜଙ୍କ କର୍ତ୍ତୃକ ଖ୍ରୀଃ ୧୫୭୭ ରେ ସ୍ଥାପିତ ଏ-ମହାତ୍ମା ପରମ ବୈଷ୍ଣବ ଥିଲେ । ବାରିପଦାସ୍ଥ ବଡ଼ ଜଗନ୍ନାଥଦେଉଳ ଓ ଗୁଣ୍ଡିଚା ମନ୍ଦିର ଏହାଙ୍କର ଅକ୍ଷୟ କୀର୍ତ୍ତି ଅଟେ ।

ଭାରତବର୍ଷରେ ମୋଗଲାଧିକାର ଥିବା ସମୟରେ ଏହି ରାଜ୍ୟର ରାଜାମାନେ ମୋଗଲ ସମ୍ରାଟଙ୍କୁ କୌଣସି ପ୍ରକାର କର ନ ଦେଇ କେବଳ ସେମାନଙ୍କର ଅଧୀନତା ସ୍ୱୀକାର କରୁଥିଲେ । ମହାରାଜ ଦାମୋଦର ଭଞ୍ଜଙ୍କ ରାଜତ୍ୱ କାଳରେ ମହାରାଷ୍ଟ୍ରୀୟ ଦସ୍ୟୁ ମାନେ ମଧ୍ୟେ ଏହି ରାଜ୍ୟର ପଶ୍ଚିମ ପ୍ରାନ୍ତରେ ଲୁଣ୍ଠପାଠ ଆରମ୍ଭ କରି ଥିଲେ । ଉକ୍ତ ଦସ୍ୟୁମାନଙ୍କୁ ଦମନ କରିବା ବିଷୟରେ ମହା-ରାଜାଙ୍କର ତୀକ୍ଷ୍ଣ ଦୃଷ୍ଟି ଥିବାରୁ ଦସ୍ୟୁଭୟ ଶୀଘ୍ର ନିବୃତ୍ତ ହୋଇ ଥିଲା ।

ମହାରାଜ ଯଦୁନାଥ ଭଞ୍ଜଙ୍କ ରାଜତ୍ୱ କାଳରୁ ମୟୂରଭଞ୍ଜର ସବି-ଶେଷ ଇତିହାସ ମିଳେ । ଏହି ମହାରାଜ ଖ୍ରୀଃ ୧୮୨୮ ରୁ ଖ୍ରୀଃ-୧୮୬୩ ପର୍ଯ୍ୟନ୍ତ ୩୫ ବର୍ଷ ରାଜତ୍ୱ କରିଥିଲେ । ଏହାଙ୍କ ସମୟରେ ଅନେକ ଜଙ୍ଗଲ ଓ ପତିତ ଜମି ଆବାଦ ହୋଇ ଥିଲା । ଏଥି ପୂର୍ବରେ ସର୍ବରାକାର ବନ୍ଦୋବସ୍ତରୁ ଯାହାକିଛି ପେସ୍‌କସ୍ ସ୍ୱରୂପ କର ଅଦାୟ ହେଉଥିଲା । ଏହାଙ୍କ ସମୟ ମୌଜା ବା ହଳ ପ୍ରତି କର ଧାର୍ଯ୍ୟ ହେଲା । ଏହି ବନ୍ଦୋବସ୍ତରୁ ସରାସରି ବନ୍ଦୋବସ୍ତ କହନ୍ତି ବ୍ରାହ୍ମଣ-

ପାଟ୍ଟର ଧଳୁଆ ସବରାକାର ମାଧବଦାସ (ନରେନ୍ଦ୍ର ମହାପାତ୍ର) ରାଜାଙ୍କ ଅବମାନନା କରି ଏହାଙ୍କ ସହିତ ଯୁଦ୍ଧାରମ୍ଭ କରି ଥିଲେ। ମାଧବଦାସ ଟେଣ୍ଟପୋଷ ନାମକ ସ୍ଥାନରେ ମହାରାଜଙ୍କ ଦ୍ୱାରା ପରାଜିତ ହୋଇ ଧଳଭୂମ ପଳାୟନ କଲା। ମହାରାଜ ବ୍ରାହ୍ମଣପାଟ୍ଟକୁ ଖାସରେ ରଖିଲେ। ଏ ମହାରାଜ ବ୍ରାହ୍ମଣପାଟ୍ଟ ଅନ୍ତର୍ଗତ ଅଁଲା, ଥଇ, ଭର୍ଡିଆ ଓ ଲାଲଗଡ଼ ପିଡ଼ମାନ ସୁଶାସନ କରି ଦେବାପାଇଁ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ହସ୍ତରେ ଅର୍ପଣ କରି ଥିଲେ। ଉପରଭାଗ କଇଁପାଳ, ଯଶିପୁର, ଠାକୁରମୁଣ୍ଡା, ପ୍ରଭୃତି କେତେକ ସ୍ଥାନର ସବ-ରାକାର ମଧ୍ୟ ଏହାଙ୍କ ଆଜ୍ଞା ଉଲ୍ଲଙ୍ଘନ କରିବାରୁ ସେମାନଙ୍କୁ ପଦଚ୍ୟୁତ କରି ନିଜ ପକ୍ଷରୁ ତହସିଲଦାରମାନ ନିଯୁକ୍ତ କରି ଥିଲେ। ଖ୍ରୀ: ୧୮୨୯ ର ଜୁନ ମାସରେ ଏ ମହାରାଜଙ୍କ ସହିତ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କର ଗୋଟିଏ ସନ୍ଧିପତ୍ର ସ୍ୱାକ୍ଷରିତ ହୁଏ। ଏହି ସନ୍ଧିରେ ମୟୂରଭଞ୍ଜ ଇଂରେଜ ରାଜ୍ୟର କରଦ ରାଜ୍ୟ ହୋଇ ବାର୍ଷିକ ଟ ୧୦୦୧ଙ୍କା ଚିରସ୍ଥାୟୀ କର ଧାର୍ଯ୍ୟ ହେଲା। ଏ ମହାତ୍ମା ଅତିଶୟ ବିଷ୍ଣୁଭକ୍ତ ଓ ପ୍ରଜାବତ୍ସଳ ଥିଲେ। ଏହାଙ୍କର ତିନି ପୁତ୍ର:— ଟିକାୟେତ ଶ୍ରୀନାଥଭଞ୍ଜ, ଛୋଟରାୟ ସୀତାନାଥ ଭଞ୍ଜ ଓ ବାବୁରାୟ ଦ୍ୱାରକା-ନାଥ ଭଞ୍ଜ। ଏ ମହାରାଜଙ୍କ ପରଲୋକ ଗତ ପରେ ଚିରନ୍ତନ ପ୍ରଥା-ନୁଯାୟୀ ତଦୀୟ ଜ୍ୟେଷ୍ଠ ପୁତ୍ର ଶ୍ରୀନାଥ ଭଞ୍ଜ ରାଜା ହେଲେ।

୬। (ମହାରାଜ ଶ୍ରୀନାଥ ଭଞ୍ଜ ଖ୍ରୀ: ୧୮୬୩—୧୮୬୮)

ଏ ମହାତ୍ମା ପରମ ବୈଷ୍ଣବ ଥିଲେ। ଅଧିକାଂଶ ସମୟ ପୁରାଣ ପାଠ ଓ ଦେବାର୍ଚ୍ଚନାରେ ଅତିବାହିତ କରୁଥିବାରୁ ରାଜକାର୍ଯ୍ୟରେ ଶିଥିଳ ଥିଲେ। ଏହାଙ୍କ ରାଜତ୍ୱ କାଳରେ ବ୍ରାହ୍ମଣପାଟ୍ଟ ଓ ଉପର-ଭାଗରେ ଭୟାନକ ଦସ୍ୟୁ ଭୟ ହୋଇ ଥିଲା। ଇଂରେଜ ଗଭର୍ଣ୍ଣ-ମେଣ୍ଟ ଏହାଙ୍କୁ ଦସ୍ୟୁଭୟ ନିବାରଣରେ ଅକ୍ଷମ ବୋଧ କରି ସ୍ୱୟଂ ବ୍ରାହ୍ମଣପାଟ୍ଟର ଶାସନଭାର ଗ୍ରହଣ କଲେ। ଗଭର୍ଣ୍ଣମେଣ୍ଟଙ୍କ ଆଦେଶା-

ନୁଆଗାଁ ଦସ୍ୟୁ ନିବାରଣାର୍ଥ ମହାରାଜଙ୍କ କର୍ତ୍ତୃକ ଉପରଭାଗ ପ୍ରଗଣାରେ ଗୋଟିଏ ପୁଲିସ୍ ଷ୍ଟେସନ ସ୍ଥାପିତ ହେଲା ; ବାରିପଦାସ୍ଥ ବାଣିଆ ଜଗନ୍ନାଥ ଏହାଙ୍କ କର୍ତ୍ତୃକ ସ୍ଥାପିତ । ଏ ମହାରାଜ ଅପୁ-ତ୍ରକ ଅବସ୍ଥାରେ ଶାନବଲୀଲା ସମ୍ବରଣ କଲା ଉତ୍ତାରୁ ତଦୀୟ ଭ୍ରାତା ସୀତାନାଥ ଭଞ୍ଜଙ୍କ ଜ୍ୟେଷ୍ଠପୁତ୍ର କୃଷ୍ଣଚନ୍ଦ୍ର ଭଞ୍ଜ ରାଜା ହେଲେ ।

୮ । (ମହାରାଜ କୃଷ୍ଣଚନ୍ଦ୍ର ଭଞ୍ଜ ଖ୍ରୀ ଃ ୧୮୬୮-୧୮୮୨) ଏ ମହାରାଜ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ସୁଶାସନ ପ୍ରଣାଳୀ କେତେକ ପରିମାଣରେ ଅନୁକରଣ କରି ରାଜ୍ୟର ନାନା ପ୍ରକାର ଉନ୍ନତି ଓ ଶ୍ରୀବୃଦ୍ଧି ସାଧନ କଲେ । ଏହାଙ୍କ ଶାସନ କାଳରେ ମୟୂରଭଞ୍ଜରେ ଷ୍ଟିମେଟ ବିଭାଗ ଓ କଲେକ୍ଟରୀ ବିଭାଗ ସ୍ଥାପିତ ହେଲା ମାତ୍ର ବିଭାଗ ଦ୍ୱୟ ପୃଥକ ହୋଇ ନ ଥିଲା । ବାରିପଦାସ୍ଥ ରାଜଭବନ ଏହାଙ୍କ ନିର୍ମିତ ହେଲା । ରାଜ୍ୟର ବାଣିଜ୍ୟ ବିସ୍ତାର ନିମନ୍ତେ ବାରି-ପଦାରୁ ବାଲେଶ୍ୱର ଓ ମେଦିନୀପୁର ସୀମା ପର୍ଯ୍ୟନ୍ତ ସୁଦୀର୍ଘ ରାଜପଥ ନିର୍ମିତ ହେଲା । କେତେକ ହାଟ ଓ ବଜାର ମଧ୍ୟ ସ୍ଥାପିତ ହେଲା । କୃଷିକାର୍ଯ୍ୟର ଉନ୍ନତି ଓ ପ୍ରଜାମାନଙ୍କ ଜଳକଷ୍ଟ ନିବାରଣ କରିବା ପାଇଁ ସ୍ଥାନେ ୨ ବନ୍ଧ ନିର୍ମାଣ ଓ ପୁଷ୍କରଣୀ ଖନନ କରାଇ ଦେଲେ । ପ୍ରଜାମାନଙ୍କର ଶିକ୍ଷା ପାଇଁ ରାଜଧାନୀ ବାରିପଦାରେ ଗୋଟିଏ ମଧ୍ୟ-ଇଂରେଜୀ ବିଦ୍ୟାଳୟ ଓ ରାଜ୍ୟର କେତେକ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟ ଓ ସଂସ୍କୃତ ଟୋଲମାନ ସ୍ଥାପିତ ହେଲା । ବାରିପଦାରେ ଗୋଟିଏ କାରାଗାର ଓ ଦାତବ୍ୟ ଚିକିତ୍ସାଳୟ ସ୍ଥାପିତ ହେଲା । ରାଜ୍ୟ ମଧ୍ୟରେ ଶାନ୍ତି ରକ୍ଷାର୍ଥ ପୁଲିଶ ପହରାଦାର ଏହାଙ୍କ ସମୟରୁ ଗଠିତ ହେଲା । ଏ ମହାରାଜ ଅତୀବ ବଦାନ୍ୟ ଥିଲେ । କଟକ ସହରସ୍ଥ ରେଭେନ୍‌ସା କଲେଜର ଉନ୍ନତି ସକାଶେ ଏକକାଳୀନ ବିଂଶସହସ୍ର ମୁଦ୍ରା ଓ ବାଲେଶ୍ୱରସ୍ଥ ପାନ୍ଥ-ଚିକିତ୍ସାଳୟ ସ୍ଥାପନ ନିମନ୍ତେ ଏକ-କାଳୀନ ଦଶସହସ୍ର ମୁଦ୍ରା ପ୍ରଦାନ କରିଥିଲେ । କର୍ମ୍ମଚାରୀମାନଙ୍କ

ଦୁଃଖରେ ଏହାଙ୍କ ପ୍ରଭୃତ ସହାନୁଭୂତି ଥିଲା । ଏହାଙ୍କ କାର୍ଯ୍ୟ-ଦକ୍ଷତା ଓ ରାଜୋଚିତ ଗୁଣ ସନ୍ଦର୍ଶନ କରି ସହୃଦୟ ଇଂରେଜ ଗଭର୍ଣ୍ଣମେଣ୍ଟ ଏହାଙ୍କୁ ବ୍ରାହ୍ମଣପାଟ ପ୍ରତ୍ୟର୍ପଣ କଲେ ଏବଂ କଟକ ଦରବାରରେ "ମହାରାଜ" ଉପାଧି ଦେଇ ସମ୍ମାନିତ କଲେ । ମହାରାଜ ବ୍ରାହ୍ମଣପାଟକୁ ଗୋଟିଏ ପୃଥକ ମହକୁମାରେ ପରିଣତ କରି ବହଳଦାରେ ଗୋଟିଏ କଚେରି ସ୍ଥାପନ କଲେ । ଏ ମହାରାଜ ରାଜତ୍ୱ କାଳର ଶେଷ-ଭାଗରେ ସରାସରି ବନ୍ଦୋବସ୍ତ ରହିତ କରି ଜମିର କିସମ ଅନୁସାରେ ମାଣ ପ୍ରତି କରଧାର୍ଯ୍ୟ କରି ପ୍ରତ୍ୟେକ ପ୍ରଗଣା ପ୍ରତି ଦଶବର୍ଷକୁ ଥରେ ଲେଖାଏଁ ଜରିବ ଜମାବନ୍ଦୀ ହେବାର ପ୍ରଥା ସୃଷ୍ଟି କଲେ । କେବଳ ବ୍ରାହ୍ମଣପାଟର ସାବିକ ବନ୍ଦୋବସ୍ତର ମିଆଦ ଗତ ନହେବାରୁ ସେଠାରେ ସରାସରି ବନ୍ଦୋବସ୍ତ ରହିତ ହୋଇ ପାରିଲା ନାହିଁ । କଲାଘେଠିଆ-ମାନେ ବେଠି କରିବା ସକାଶେ ନିଜ ୨ ଜମି କିଷ୍ଟିର ସ୍ୱରୂପ ଭୋଗ କରୁଥିଲେ କିନ୍ତୁ ଉକ୍ତ ବନ୍ଦୋବସ୍ତରେ ତହିଁରେ କର ଧାର୍ଯ୍ୟ ହେଲା ଓ ବେଠି ପାଇଁ ମଜୁରି ଦେବାର ସ୍ୱୀକୃତ ହେଲା । ପୂର୍ବ ପ୍ରଚଳିତ ମାଗଣ ପ୍ରଥା ରହିତ ହୋଇ କାଠ-କର , ଅବକାରୀ-କର ପ୍ରଭୃତି କେତେକ ନୂତନ ନ୍ୟାର୍ଯ୍ୟ କର ଧାର୍ଯ୍ୟ ହେଲା । ରାଜସ୍ୱ ଆଦାୟର ସୁବିଧା ପାଇଁ ପ୍ରଧାନ ଓ ସର୍ଦ୍ଦାରଗଣ ଯଥା ପୂର୍ବ ନିଯୁକ୍ତ ରହିଲେ । ରାଜସ୍ୱ ଆଦାୟ ଅନାଦାୟ ପାଇଁ ପ୍ରଧାନମାନେ ସର୍ଦ୍ଦାର-ମାନଙ୍କ ଠାରେ ଏବଂ ସର୍ଦ୍ଦାରମାନେ ରାଜସରକାରରେ ଦାୟୀ ହେଲେ । ମହାରାଜ ବନ୍ଦୋବସ୍ତ କାର୍ଯ୍ୟ ଶେଷ କରି ସପରିବାରରେ ତୀର୍ଥାଟନ ସକାଶେ ଶ୍ରୀ ବୃନ୍ଦାବନ ଧାମକୁ ଗମନ କଲେ ; ସେଠାରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଦେଖିଲେ ଯେ ତାହାଙ୍କ ନୂତନ ବନ୍ଦୋବସ୍ତ ହେତୁରୁ ନିଜ ମୟୂରଭଞ୍ଜର ପ୍ରଜାମାନେ ଭୟଙ୍କର ମେଳି ଆରମ୍ଭ କରି ଅଛନ୍ତି । ବିଦ୍ରୋହୀ ପ୍ରଜାମାନେ ଓଡ଼ିଶାର ତାତ୍କାଳିକ କମିସନର ସ୍ମିଥ ସାହେବଙ୍କ ସମୀପରେ ନୂତନ ବନ୍ଦୋବସ୍ତ ବିରୋଧରେ ଅଭି-

ଯୋଗ କଲେ । କମିସନର ସାହେବ ନୂତନ ବନ୍ଦୋବସ୍ତ ନ୍ୟାଯ୍ୟ-ସଙ୍ଗତ ହୋଇ ଅଛି ଦେଖି ପ୍ରଜାମାନଙ୍କର ଆବେଦନ ଅଗ୍ରାହ୍ୟ କଲେ । ପ୍ରଜାମାନେ ବିଫଳ ମନୋରଥ ହୋଇ ମହାରାଜଙ୍କ ପକ୍ଷୀୟ ଲୋକମାନଙ୍କର ଗୃହ ଲୁଣ୍ଠନ ଗୃହ ଦାହ ପ୍ରଭୃତି ବିବିଧ ଅତ୍ୟାଚାର ଆରମ୍ଭ କଲେ । ଅବଶେଷରେ ମହାରାଜ ଦଳପତି କାଶୀନାଥ ସର୍ଦ୍ଦାରକୁ କଳାରୁ ବହିଷ୍କୃତ କରି ଦେବାରୁ ଏବଂ ଅନ୍ୟାନ୍ୟ ପ୍ରଧାନ ୨ ବିଦ୍ରୋହିମାନଙ୍କୁ ବନ୍ଧ କରିବାରୁ ମେଳି ପ୍ରଶମିତ ହେଲା । ଏ ମହାରାଜଙ୍କର ତିନିପୁତ୍ର—ଟିକାଏତ ଶ୍ରୀରାମଚନ୍ଦ୍ର ଭଞ୍ଜ , ଛୋଟରାୟ ଶ୍ୟାମଚନ୍ଦ୍ର ଭଞ୍ଜ ଓ ରାଜୁତରାୟ ଶ୍ରୀଦାମଚନ୍ଦ୍ରଭଞ୍ଜ । ନୀଲଗିରିର ରାଜା ଅପୁତ୍ରିକ ହେବାରୁ ଶ୍ୟାମଚନ୍ଦ୍ର ଭଞ୍ଜଙ୍କୁ ପୋଷ୍ୟପୁତ୍ର ଗ୍ରହଣ କରି ଥିଲେ । ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ଖ୍ରୀଃ ୧୮୮୨ ର ମେ ମାସରେ ଏ ମହାରାଜ ବତ୍ରିଶ ବର୍ଷ ବୟଃକ୍ରମ କାଳୀନ ଇହସଂସାର ପରିତ୍ୟାଗ କଲେ । ମହାରାଜ କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ଅନ୍ତେ ଚିରନ୍ତନ ପ୍ରଥାନୁଯାୟୀ ତାଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀରାମଚନ୍ଦ୍ର ଭଞ୍ଜ ରାଜା ହେଲେ ।

୯ । ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜ ଖ୍ରୀଃ ୧୮୮୨ ରେ ବ ୧୦ ର୍ଷ ବୟଃକ୍ରମ କାଳରେ ସିଂହାସନାରୋହଣ କଲେ । ମହାରାଜଙ୍କ ଏହି ଅପ୍ରାପ୍ତ ବୟସ ହେତୁରୁ ଇଂରେଜ ଗବର୍ଣ୍ଣମେଣ୍ଟ ଓ୍ୟାଲ ନାମକ ଜଣେ ସୁଦକ୍ଷ ଇଂରେଜ କର୍ମ୍ମଚାରୀଙ୍କୁ ମ୍ୟାନେଜରଟ ନିଯୁକ୍ତ କଲେ । ଏହି ମ୍ୟାନେଜରଙ୍କ ସମୟରେ ପୂର୍ତ୍ତ ବିଭାଗ ଯଥାବିଧି ସ୍ଥାପିତ ହେଲା । ଏହି ବିଭାଗର ସାହାଯ୍ୟରେ ରାଜ୍ୟ ମଧ୍ୟରେ କେତେକ ସଡ଼କ , ବନ୍ଧ ଓ ଅଟ୍ଟାଳିକାମାନ ନିର୍ମ୍ମିତ ହେଲା । ବଦୁଭଣ୍ଡାର ଘାଟସ୍ଥ ଦୁର୍ଗ୍ରିତ ପଥ ଏହାଙ୍କ ଯତ୍ନରେ ନିର୍ମ୍ମିତ ହୋଇଥିଲା । ପାଞ୍ଚପିଢ଼ି ଗୋଟିଏ ସ୍ୱତନ୍ତ୍ର ମହକୁମାରେ ପରିଣତ ହେଲା । ବ୍ରାହ୍ମଣପାଟର ସରାସରି ବନ୍ଦୋବସ୍ତର ମିଆଦ ଉତ୍ତୀର୍ଣ୍ଣ ହେବାରୁ ସାଭମତ ଜଷ୍ଟିକ ଜମାବନ୍ଦୀ ହେଲା ।

ଭାରତ ଗଭର୍ଣ୍ଣମେଣ୍ଟଙ୍କ ଅନୁମୋଦିତ ଦଣ୍ଡବିଧି କାର୍ଯ୍ୟବିଧି ପ୍ରଭୃତି କେତେକ ଖଣ୍ଡ ଆଇନ ଏହି ରାଜ୍ୟରେ ପ୍ରଥମ ପ୍ରଚଳିତ ହେଲା । ମ୍ୟାନେଜର ସାହେବ ବର୍ଦ୍ଧାର୍ଲ୍ଟ ଓ ଅତୀବ ପ୍ରଜା ରଞ୍ଜକ ଥିଲେ । ଗ୍ରାମେ ୨ ପରିଭ୍ରମଣ କରି ପ୍ରଜାମାନଙ୍କ ଅବସ୍ଥା ଓ ଅଭିଯୋଗ ବୁଝୁଥିଲେ । କିନ୍ତିପଦାର୍ ସର୍ବରାକାର ଉଦାସ୍ ଜମିଦାରୀ ଚଳାଇବାକୁ ଅକ୍ଷମ ହେବାରୁ ଗଭର୍ଣ୍ଣମେଣ୍ଟଙ୍କ ଅନୁମତି ଅନୁଯାୟୀ ତାଙ୍କର ଜମିଦାରୀ ଷ୍ଟେଟ୍‌ର ତତ୍ତ୍ୱାବଧାରଣରେ ଆଣିଲେ । ବହଳଦାରେ ଗୋଟିଏ ମଧ୍ୟ ଇଂରେଜୀ ବିଦ୍ୟାଳୟ ସ୍ଥାପିତ ହେଲା । ଖ୍ରୀଃ ୧୮୯୦ ଢରେ କାରପଦାସ୍ଥ ମଧ୍ୟ ଇଂରେଜୀ ବିଦ୍ୟାଳୟ ଉଚ୍ଚ ଇଂରେଜୀ ବିଦ୍ୟାଳୟରେ ପରିଣତ ହେଲା । ଖ୍ରୀଃ ୧୮୯୭ ହରେ ଏ ମହାରାଜ ସ୍ୱୟଂ ରାଜ୍ୟଭାର ଗ୍ରହଣ କଲେ ।

—:୦:—

୧୦ । ଏହି ରାଜ୍ୟର ରାଜାମାନଙ୍କର ନାମ ଓ ରାଜତ୍ୱ କାଳ ଯଥାକ୍ରମରେ ନିମ୍ନରେ ଲିଖିତ ହେଲା :—

୧ । ମହାରାଜ ଜୟସିଂହ—ଖ୍ରୀଃ ୫୯୮—୬୧୮
୨ । ମହାରାଜ ଆଦି ସିଂହ ଭଞ୍ଜ ଦେଓ—ଖ୍ରୀଃ ୬୧୮—୬୫୬
୩ । „ ନୀଳାମ୍ବର „ „ „ —ଖ୍ରୀଃ ୬୫୬—୬୮୯
୪ । „ ଲକ୍ଷ୍ମଣୋଭଞ୍ଜ „ „ —ଖ୍ରୀଃ ୬୮୯—୭୨୬
୫ । „ ବଣେଶ୍ୱରୀ „ „ „ —ଖ୍ରୀଃ ୭୨୬—୭୬୪
୬ । „ ଭରତ „ „ „ —ଖ୍ରୀଃ ୭୬୪—୮୦୪
୭ । „ ହଲୀପେଶ୍ୱର „ „ „ —ଖ୍ରୀଃ ୮୦୪—୮୩୯
୮ । „ ବାମଦେବ „ „ „ —ଖ୍ରୀଃ ୮୩୯—୮୬୮
୯ । „ ବାସୁଦେବ „ „ „ —ଖ୍ରୀଃ ୮୬୮—୯୧୬
୧୦ । „ କିଶୋରୀ „ „ „ —ଖ୍ରୀଃ ୯୧୬—୯୬୦

୧୧ । ,, ନାରାୟଣ ସିଂହ ଭଞ୍ଜ ଦେଓ—ଖ୍ରୀଃ ୯୬୦—୯୯୭
୧୨ । ,, ନୀଳକଣ୍ଠ ,, ,, ,, —ଖ୍ରୀଃ ୯୯୭—୧୦୨୮
୧୩ । ,, ବୀରକେଶରୀ ,, ,, ,, —ଖ୍ରୀଃ ୧୦୨୮—୧୦୬୪
୧୪ । ,, କପିଳେଶ୍ୱର ,, ,, ,, —ଖ୍ରୀଃ ୧୦୬୪—୧୧୦୦
୧୫ । ,, ତ୍ରିଲୋଚନ ,, ,, ,, —ଖ୍ରୀଃ ୧୧୦୦—୧୧୯୩
୧୬ । ,, ଦାଶରଥି ,, ,, ,, —ଖ୍ରୀଃ ୧୧୩୯—୧୧୬୪
୧୭ । ,, ଶ୍ରୀକୃଷ୍ଣ ,, ,, ,, —ଖ୍ରୀଃ ୧୧୬୪—୧୧୯୫
୧୮ । ,, ଗଦାଧର ,, ,, ,, —ଖ୍ରୀଃ ୧୧୯୫—୧୨୩୭
୧୯ । ,, ଅରଜୁଣେଶ୍ୱର ,, ,, ,, —ଖ୍ରୀଃ ୧୨୩୭—୧୨୬୪
୨୦ । ,, ଗୋପୀନାଥ ,, ,, ,, —ଖ୍ରୀଃ ୧୨୬୪—୧୨୭୯
୨୧ । ,, ରାଧାକୃଷ୍ଣ ,, ,, ,, —ଖ୍ରୀଃ ୧୨୭୯—୧୩୦୧
୨୨ । ,, ପୃଥ୍ୱୀନାଥ ,, ,, ,, —ଖ୍ରୀଃ ୧୩୦୧—୧୩୩୪
୨୩ । ,, ବୈକୁଣ୍ଠନାଥ ,, ,, ,, —ଖ୍ରୀଃ ୧୩୩୪—୧୩୬୦
୨୪ । ,, ବୀରେଶ୍ୱର ,, ,, ,, —ଖ୍ରୀଃ ୧୩୬୦—୧୩୯୦
୨୫ । ,, ରାମଚନ୍ଦ୍ର ,, ,, ,, —ଖ୍ରୀଃ ୧୩୯୦—୧୪୨୩
୨୬ । ,, ବଳଭଦ୍ର ,, ,, ,, —ଖ୍ରୀଃ ୧୪୨୩—୧୪୬୪
୨୭ । ,, ହରେକୃଷ୍ଣ ,, ,, ,, —ଖ୍ରୀଃ ୧୪୬୪—୧୪୯୧
୨୮ । ,, (୨ୟ) ନୀଳକଣ୍ଠ ,, ,, ,, — ୧୪୯୧—୧୫୨୦
୨୯ । ,, ସନ୍ତେଇ ,, ,, ,, ୧୫୨୦—୧୫୫୭
୩୦ । ,, ବୈଦ୍ୟନାଥ ,, ,, ଖ୍ରୀଃ ୧୫୫୭—୧୬୦୦
୩୧ । ,, ଜଗନ୍ନାଥ ,, ,, —ଖ୍ରୀଃ ୧୬୦୦—୧୬୪୩
୩୨ । ,, ହରିହର ,, —ଖ୍ରୀଃ ୧୬୪୩—୧୬୮୮
୩୩ । ,, ସର୍ବେଶ୍ୱର ,, ,, ,, —ଖ୍ରୀଃ ୧୬୮୮—୧୭୧୧
୩୪ । ,, ବୀର ବିକ୍ରମାଦିତ୍ୟ ,, ,, ,, —ଖ୍ରୀଃ ୧୭୧୧—୧୭୨୮
୩୫ । ,, ରଘୁନାଥ ,, ,, ,, —ଖ୍ରୀଃ ୧୭୨୮—୧୭୫୦

୩୬ । ,, ଚକ୍ରଧର ସିଂହ [illegible]ଞ୍ଜ ଦେଓ—ଖ୍ରୀଃ ୧୭୫୦—୧୭୬୧

୩୭ । ,, ଦାମୋଦର ,, ,, ,,—ଖ୍ରୀଃ ୧୭୬୧—୧୭୯୬

୩୮ । ମହାରାଣୀ ସୁମିତ୍ରାଦେବୀ ଭଞ୍ଜ—ଖ୍ରୀଃ ୧୭୯୬—୧୮୧୦

୩୯ । ,, ଯମୁନା ଦେବୀ ଭଞ୍ଜ—ଖ୍ରୀଃ ୧୮୧୦—୧୮୧୩

୪୦ । ମହାରାଜ ତ୍ରିବିକ୍ରମ ଭଞ୍ଜ ଦେଓ—ଖ୍ରୀଃ ୧୮୧୩—୧୮୨୮

୪୧ । ,, ଯଦୁନାଥ ସିଂହ ଭଞ୍ଜ ଦେଓ—ଖ୍ରୀଃ ୧୮୨୮—୧୮୬୩

୪୨ । ,, ଶ୍ରୀନାଥ ,, ,, ,,—ଖ୍ରୀଃ ୧୮୬୩—୧୮୬୮

୪୩ । ,, କୃଷ୍ଣଚନ୍ଦ୍ର ,, ,, ,,—ଖ୍ରୀଃ ୧୮୬୮—୧୮୮୨

୪୪ । ,, ଶ୍ରୀରାମଚନ୍ଦ୍ର ,, ,, ,,—ଖ୍ରୀଃ ୧୮୮୨—

ସମାପ୍ତ ।